بسم الله الرحمن الرحيم

**୧୧ ଫେବୃଆରୀ ୨୦୨୨ ଖୁତବା ଜୁମାର ସାରାଂଶ**
**ସ୍ଥାନ – ମସଜିଦ ମୁବାରକ୍ ଇସଲାମାବାଦ୍, ଲଣ୍ଡନ**

ତବୁକ୍ ଯୁଦ୍ଧ ସମୟରେ ହଜରତ ଅବୁବକର୍ ର.ଅଙ୍କ ନିଜର ସମସ୍ତ ସମ୍ପତି ଯାହାର ସାମଗ୍ରୀକ ରାଶି ଚାରି ହଜାର ଦିରହମ୍ ଥିଲା, ହଜରତ ମୁହମ୍ମଦ ମୁସ୍ତଫା ସ.ଅଙ୍କ ସେବାରେ ଆଣି ରଖିଦେଲେ । ହଜରତ ମୁହମ୍ମଦ ସ.ଅଙ୍କର ସର୍ବୋଚ୍ଚ ସ୍ତରରେ ଅଧିଷ୍ଠିତ ମାର୍ଗଦର୍ଶୀ ଖଲିଫା ହଜରତ ଅବୁବକର୍ ସିଦ୍ଦିକ୍ ର.ଅଙ୍କ ଉଚ୍ଚତମ ସ୍ତର ଓ ସୁନ୍ଦର ଚରିତ୍ରର ବିଶ୍ୱାସ ବର୍ଦ୍ଧକ ଚର୍ଚ୍ଚା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମା ବାଦ୍‌ଫଂଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟ୍ୟାକା ନାବୁଦୁ ୱ ଇୟ୍ୟାକା ନସ୍‌ତଈନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଜ୍ୱାଲ୍‌ଲିନ୍

ତଶହୁଦ୍, ତଉଜ ଓ ସୁରଃ ଫାତିହାର ଆବୃତ୍ତି କରିବା ପରେ ହଜୁର ଅନୱ୍ୱର ଅ.ବ କହିଲେ; ଇତିହାସ ପୃଷ୍ଠାରେ ମକ୍କା ବିଜୟ ପ୍ରସଙ୍ଗରେ ହଜରତ ଅବୁବକର ସିଦ୍ଦିକ୍ ର.ଅଙ୍କର ଏକ ସ୍ୱପ୍ନର ଉଲ୍ଲେଖ ରହିଛି, ଯେ ଯେତେବେଳେ ମୁସଲମାନମାନେ ମକ୍କାର ନିକଟବର୍ତ୍ତୀ ହେଲେ ସେତେବେଳେ ଏକ କୁତୀ (ମାଈ କୁକୁର) ଭୁକି ଭୁକି ସେମାନଙ୍କ ଆଡ଼କୁ ଆସିଲା ଏବଂ ପାଖରେ ଆସି ପିଠି ଭରାରେ ଶୋଇ ପଡ଼ିଲା । ସେତେବେଳେ ତାହା ସ୍ତନରୁ ଦୁଗ୍ଧ ନିର୍ଗତ ହେଉଥିଲା । ହଜୁର ସ.ଅ ଉକ୍ତ ସ୍ୱପ୍ନର ତାତ୍ପର୍ଯ୍ୟ ଏହା ଦର୍ଶାଇଲେ, ଯେ ଅମାନ୍ୟକାରୀଙ୍କ ମନ୍ଦ ପ୍ରଭାବ ଆଉ ବାକି ରହିବ ନାହିଁ ବରଂ ଦୂର ହୋଇଯିବ ଏବଂ ଆମମାନଙ୍କର ମଙ୍ଗଳ ହେବ । ଅମାନ୍ୟକାରୀମାନେ ତୁମ ସମ୍ପର୍କୀୟ ହେବାର ଦ୍ୱାହି ଦେଇ ତୁମକୁ ଶରଣ ମାଗିବେ ଏବଂ ତୁମେ ସେମାନଙ୍କ ମଧ୍ୟରୁ କେତେକଙ୍କୁ ମିଳିଯିବ ।

ମକ୍କା ବିଜୟ ପୂର୍ବରୁ ଅବୁ ସୁଫିୟାନ୍ ମରୁ ଜହରାନ୍ ସ୍ଥାନରେ ହଜୁର ସ.ଅଙ୍କ ସେବାରେ ହାଜର ହୋଇ ଆପଣଙ୍କୁ ଭେଟି ଥିଲା । ଆପଣ ସ.ଅ ହଜରତ ଅବ୍‌ବାସ୍ ର.ଅ ଅଥବା ହଜରତ ଅବୁବକର ର.ଅଙ୍କ ପରାମର୍ଶକ୍ରମେ ଅବୁ ସୁଫିୟାନ୍‌କୁ ସେଠାରେ ରାତ୍ର ପର୍ଯ୍ୟନ୍ତ ଅଟକାଇ ଦେଇଥିଲେ । ଯଦ୍ୱାରା ସେ ମୁସଲମାନ ସେନା ବାହିନୀକୁ ଦେଖିନେବ । ରାତିରେ ଯେତେବେଳେ ଅବୁ ସୁଫିୟାନ ସମ୍ମୁଖରେ ହଜୁର ସ.ଅଙ୍କ ସବୁଜ ରଙ୍ଗର (ବସ୍ତ୍ର ପରିହିତ) ସେନା ବାହିନୀ ପ୍ରକଟ ହେଲେ, ଯେଉଁମାନଙ୍କ ମଧ୍ୟରେ ମୁହାଜିର୍ ଓ ଅନସାର୍‌ଗଣ ଇସଲାମୀୟ ଧ୍ୱଜା ବହନ କରିଥିଲେ ଏବଂ ଏକ ହଜାର ଜଣ ଅନସାର୍ ଯୁଦ୍ଧ ବସ୍ତ୍ରରେ ସଜ୍ଜିତ ଥିଲେ । ହଜୁର ସ.ଅ ନିଜ ଧ୍ୱଜା ହଜରତ ସାଦ୍ ବିନ୍ ଅବାଦାଃ ର.ଅଙ୍କୁ ପ୍ରଦାନ କରିଥିଲେ ଏବଂ ସେ ସେନାର ନେତୃତ୍ୱ ନେଇ ସର୍ବାଗ୍ରେ ମାଡ଼ି ଚାଲିଥିଲେ । ହଜରତ ସାଦ୍ ବିନ୍ ଅବାଦାଃ ର.ଅ ଅବୁ ସୁଫିୟାନ୍ ନିକଟରେ ଅତିକ୍ରମ କରିବା କ୍ଷଣି ତାହାକୁ (ଲଢ଼ିବାକୁ) ଆମନ୍ତ୍ରିତ କଲେ । ଏଥିରେ ଅବୁ ସୁଫିୟାନ୍ ହଜରତ ଅବ୍‌ବାସ୍ ର.ଅଙ୍କୁ କହିଲା; ହେ ଅବ୍‌ବାସ୍ ! ଆଜି ମୋ ସୁରକ୍ଷା ତୁମ ହସ୍ତରେ । ସେଥିଅନ୍ତେ ଅନ୍ୟାନ୍ୟ ଗୋଷ୍ଠୀ ସମୂହ ସେଠାରୁ ଅତିକ୍ରମ କଲେ । ଶେଷରେ ହଜୁର ସ.ଅ (ପ୍ରକାଶ୍ୟ ଦିବାକର ପରି) ଆର୍ବିଭାବ ହେଲେ ଏବଂ ଆପଣ ନିଜର ଓଟ କସ୍‌ୱା ଉପରେ ଆରୋହଣ ହୋଇଥିଲେ । ଆପଣ ସ.ଅ ହଜରତ ଅବୁବକର ର.ଅ ଓ ହଜରତ ଉସେଦ୍ ବିନ୍ ହଜିର୍ ର.ଅଙ୍କ ମଧ୍ୟରେ ସେମାନଙ୍କ ସହିତ କଥାବାର୍ତ୍ତା କରି ଆଗେଇ ଆସୁଥିଲେ । **ହଜରତ ଅବ୍‌ବାସ୍ ର.ଅ ଅବୁ ସୁଫିୟାନ୍‌କୁ କହିଲେ; ଏ ହେଉଛନ୍ତି (ନବୀ ଶ୍ରେଷ୍ଠ) ହଜରତ ମୁହମ୍ମଦ ମୁସ୍ତଫା ସ.ଅ ।**

ଯେତେବେଳେ ହଜୁର ସ.ଅ ମକ୍କାରେ ପ୍ରବେଶ କଲେ ସେତେବେଳେ ଦେଖିଲେ, ମହିଳାମାନେ ଘୋଡ଼ାମାନଙ୍କ ମୁହଁକୁ ନିଜ ଓଢଣୀରେ ମାରି ମାରି ପଛକୁ ଧକ୍କା ଦେଉଥିଲେ । ଯେତେବେଳେ ହଜୁର ସ.ଅ ଏହି ଦୃଶ୍ୟ ଦେଖିଲେ, ସେତେବେଳେ ହଜରତ ଅବୁବକର ର.ଅଙ୍କୁ କହିଲେ; ହସ୍‌ସାନ୍ ବିନ୍ ସାବିତ୍ କ'ଣ କହିଛନ୍ତି ? ଏଥିରେ ହଜରତ

ଅବୁବକର ତାଙ୍କର ଏହି କବିତା ପାଠ କଲେ, ଯେଉଁଥିରେ ପରାକ୍ରମୀ ସେନା ବାହିନୀର କଦା ମାର୍ଗରେ ନିଜ ବିଜିତ ଅଂଚଳରେ ପ୍ରବେଶ କରିବାର ନକ୍ସା ଅଙ୍କନ କରାଯାଇଥିଲା । ବସ୍ତୁତଃ ହଜୁର[ସ.ଅ] କହିଲେ; ତେବେ ହସ୍‌ସାନ୍ ବିନ୍ ସାବିତ୍ ଯେଉଁ ମାର୍ଗର ଚର୍ଚ୍ଚା କରିଛନ୍ତି ସେହି ମାର୍ଗ ଦେଇ ଗତି କର । କଦା ଅରଫାତ୍‌ର ହିଁ ଅନ୍ୟ ନାମ ଥିଲା ।

ମକ୍କା ବିଜୟ ଅବସରରେ ହଜୁର[ସ.ଅ] ସମସ୍ତଙ୍କୁ ସୁରକ୍ଷା ଓ ନିରାପତା ପ୍ରଦାନ କରାଯିବାର ସର୍ବସାଧାରଣରେ ଘୋଷଣା କରିଦେଲେ । ଏଥିରେ ହଜରତ ଅବୁବକର[ର.ଅ] କହିଲେ; ଅବୁ ସୁଫିୟାନ୍ ସମ୍ମାନ ଓ ମର୍ଯ୍ୟାଦାକୁ ପସନ୍ଦ କରେ । ବସ୍ତୁତଃ ହଜୁର[ସ.ଅ] ନିର୍ଦ୍ଦେଶ ଦେଲେ ଯେ କେହି ଅବୁ ସୁଫିୟାନ୍ ଘରେ ଶରଣ ନେବ ତାହାକୁ ମଧ୍ୟ ସୁରକ୍ଷା ପ୍ରଦାନ କରାଯିବ । ଯେତେବେଳେ ହଜରତ ମୁହମ୍ମଦ ମୁସ୍ତଫା [ସ.ଅ]ଙ୍କ ନିର୍ଦ୍ଦେଶକ୍ରମେ ହୁବୁଲ୍ ପ୍ରତିମାକୁ ଭଙ୍ଗାଗଲା ସେତେବେଳେ ହଜରତ ଜୁବେର ବିନ୍ ଅୱାମ୍[ର.ଅ] ଅବୁ ସୁଫିୟାନ୍‌ଙ୍କୁ ସ୍ମରଣ କରାଇଲେ, ଓ୍ୱହଦ ଯୁଦ୍ଧ ଦିନ ତୁମେ ଏହି ପ୍ରତିମାର ନାମ ନେଇ ବହୁତ ଗର୍ବ କରୁଥିଲ, ଯେ ସେ ତୁମକୁ ପୁରସ୍କୃତ କରିଛନ୍ତି । ପ୍ରତିଉତ୍ତରରେ ଅବୁ ସୁଫିୟାନ୍ କହିଲା; **ବର୍ତ୍ତମାନ ସେସବୁ କଥାକୁ ଛାଡ଼ । ଏବେ ମୁଁ ଜାଣି ପାରିଛି ଯେ ଯଦି ହଜରତ ମୁହମ୍ମଦ ମୁସ୍ତଫା [ସ.ଅ]ଙ୍କ ପ୍ରଭୁଙ୍କ ବ୍ୟତୀତ କେହି ଈଶ୍ୱର ଥାନ୍ତେ ତେବେ ଆଜି ଯାହା କିଛି ଘଟିଲା ତାହା କଦାପି ଘଟି ନଥାନ୍ତା ।**

ହଜରତ ଅବୁହୁରୈରାଃ[ର.ଅ] କୁହନ୍ତି, ମକ୍କା ବିଜୟ ଦିନ ହଜୁର[ସ.ଅ] ବିରାଜମାନ ଥିଲେ ଏବଂ ହଜରତ ଅବୁବକର[ର.ଅ] ନିଜ ଖଣ୍ଡା ଧରି ଆପଣ [ସ.ଅ]ଙ୍କ ସୁରକ୍ଷାରେ ମୁତୟନ ଥିଲେ ।

ହୁନେନ୍ ଯୁଦ୍ଧ ଯାହାକୁ ହୱାଜନ୍ ଯୁଦ୍ଧ ମଧ୍ୟ କୁହାଯାଏ । ୮ ହିଜ୍‌ରୀରେ ମକ୍କା ବିଜୟ ପରେ ଲଢ଼ା ଯାଇଥିଲା । ହୁନେନ୍ ମକ୍କା ଓ ତାଇଫ୍‌ର ମଧ୍ୟବର୍ତ୍ତୀ ଅଂଚଳ । ଯାହାକି ମକ୍କା ଠାରୁ ତିନି ମାଇଲ୍ ଦୂରତାରେ ଏକ ଘାଟି ଥିଲା । ମୁସଲମାନମାନେ ମକ୍କା ବିଜୟ କରିନେବାର ସୂଚନା ମିଳିବା ମାତ୍ରେ ଅମାନ୍ୟକାରୀ ମାଲିକ୍ ବିନ୍ ଅୱଫ୍ ନଶ୍‌ରୀଙ୍କର ଆଲେଖ୍ୟ (ସନ୍ଦେଶ) ପାଇ ସମସ୍ତ ଆରବ ଗୋଷ୍ଠୀ ଏକ ବିଶାଳ ସେନା ବାହିନୀ ଏକତ୍ରିତ କରି ମୁସଲମାନମାନଙ୍କ ବିପକ୍ଷରେ ଛିଡ଼ା ହୋଇଗଲେ । ତେଣୁ ହଜୁର[ସ.ଅ] ୧୨୦୦୦ ସଂଖ୍ୟକ ମୁସଲମାନ ସେନାକୁ ନେଇ ସେମାନଙ୍କ ମୁକାବିଲାରେ ବାହାରିଲେ ଏବଂ ପ୍ରଭାତରେ ହିଁ ହୁନେନ୍ ଠାରେ ପହଂଚିଗଲେ । ଅମାନ୍ୟକାରୀଙ୍କ ସେନା ପୂର୍ବରୁ ସେଠାରେ ଛପି ରହିଥିଲା । ଅତଏବ ସେମାନେ ମୁସଲମାନ ସେନାକୁ ଦେଖିବା ମାତ୍ରେ ସେମାନଙ୍କ ଉପରେ ହଠାତ୍ ଏଭଳି ତୀବ୍ର ଓ ଅତର୍କିତ ଆକ୍ରମଣ କଲେ ଯେ ତାହାକୁ ମୁସଲମାନମାନେ ସହ୍ୟ କରିପାରିଲା ନାହିଁ ଏବଂ ବ୍ୟସ୍ତ ବିବ୍ରତ ହୋଇ ପଡ଼ିଲେ । ବର୍ଣ୍ଣନା ମିଳୁଛି ଯେ ହଜୁର [ସ.ଅ]ଙ୍କ ନିକଟରେ ମାତ୍ର କିଛି ହାତ ଗଣତି ସାହାବା ବାକି ରହି ଯାଇଥିଲେ ।

ହଜରତ ମୁସଲେହ ମଉଦ୍[ର.ଅ] ବର୍ଣ୍ଣନା କରନ୍ତି; ହୁନେନ୍ ଯୁଦ୍ଧରେ ଏପରି ଏକ ମୁହୂର୍ତ୍ତର ମୁସଲମାନମାନେ ସମ୍ମୁଖୀନ ହୋଇଥିଲେ ଯେତେବେଳେ ହଜୁର [ସ.ଅ]ଙ୍କ ଆଖପାଖରେ ମାତ୍ର କିଛି ହାତ ଗଣତି ସାହାବା ବାକି ରହି ଯାଇଥିଲେ । ସେତେବେଳେ ହଜରତ ଅବୁବକର[ର.ଅ] ବିଚଳିତ ହୋଇ ଆପଣ [ସ.ଅ]ଙ୍କ ବାହାନର ଲଗାମ ଧରି କହିଲେ; ହେ ଅଲ୍ଲାଃଙ୍କ ରସୁଲ[ସ.ଅ] ! ଏହା ଆଗକୁ ଅଗ୍ରସର ହେବାର ସମୟ ନୁହେଁ । କିନ୍ତୁ ଆପଣ[ସ.ଅ] ଅତି ଦାମ୍ଭିକତାର ସହିତ କହିଲେ; ମୋ ବାହାନର ଲଗାମ ଛାଡ଼ । ଆପଣ[ସ.ଅ] ନିଜ ବାହାନକୁ ଗୋଇଁଠି ମାରି ଆଗକୁ ଅଗ୍ରସର ହେଲେ ଏବଂ ଆପଣ[ସ.ଅ] ଏହା କହି ଚାଲିଥିଲେ ଯେ ମୁଁ ମଉଦ (ପ୍ରତିଶୃତ) ନବୀ ଅଟେ । ଯାହାକୁ ସର୍ବଦା ସୁରକ୍ଷା ପ୍ରଦାନ କରାଯିବାର ଅଙ୍ଗୀକାର ଦିଆଯାଇଛି । ମୁଁ ମିଥ୍ୟାବାଦୀ ନୁହେଁ । ତେଣୁ ତୁମେ ତିନି ହଜାର ତୀର ନିକ୍ଷେପକାରୀ ହୋଇଥାଅ ଅବା ୩୦ହଜାର, ମୁଁ ତୁମର ତିଳେ ମାତ୍ର ଖାତିର କରିବି ନାହିଁ ।

ହଜୁର [ସ.ଅ]ଙ୍କ ଅନୁମତିକ୍ରମେ ହଜରତ ଅବ୍‌ବାସ୍[ର.ଅ] ମୁସଲମାନମାନଙ୍କୁ ଉଚ୍ଚ ସ୍ୱରରେ ଡ଼ାକରା ଦେଲେ ହେ ସୁରାଃ ବକରାର ସାହାବାଗଣ ! ହେ ହୁଦେବିୟା ଅବସରରେ ବୃକ୍ଷ ତଳେ ବୈଅତ୍‌କାରୀଗଣ ! ଅଲ୍ଲାଃଙ୍କ ରସୁଲ[ସ.ଅ] ତୁମମାନଙ୍କୁ ଡ଼ାକରା ଦେଉଛନ୍ତି । ଜଣେ ସାହାବା କୁହନ୍ତି; ନବାଗତ ମୁସଲମାନମାନେ କାପୁରୁଷତା ପ୍ରଦର୍ଶନ କରିବାରୁ ଆମ ବାହାନଗୁଡ଼ିକ ହୁରୁଡ଼ି ଦୌଡ଼ି ପଳାଉ ଥିଲେ । କିନ୍ତୁ ଯେମିତି ହଜରତ ଅବ୍‌ବାସ୍ [ର.ଅ]ଙ୍କର ଏହି ସ୍ୱର ଆମ କର୍ଣ୍ଣରେ ପଡ଼ିଲା ମୋତେ ଏପରି ଅନୁଭବ ହେଲା ଯେମିତି ମୁଁ ଜୀବିତ ନୁହେଁ ବରଂ ମୃତ ଏବଂ ଇସରାଫିଲ୍‌ଙ୍କ ବିଗୁଲ୍ ଫୁଙ୍କିବା

ନାଦ ବାୟୁମଣ୍ଡଳରେ ଗୁଞ୍ଜରିତ ହେଉଛି । ମୁଁ ନିଜ ବାହାନକୁ ପଛକୁ ମୋଡ଼ିବାକୁ ଚେଷ୍ଟା କଲି । କିନ୍ତୁ ଯେହେତୁ ସେ ହୁରୁଡ଼ି ଯାଇଥିଲା ତେଣୁ ପଛକୁ ବୁଲିଲା ନାହିଁ । ବସ୍ତୁତଃ ମୁଁ ଓ ମୋର ଅନେକ ସାଥି ଓଟଗୁଡ଼ିକ ଉପରୁ ଡ଼େଇଁ ପଡ଼ିଲୁ । ଅନେକ ତ' ନିଜ ଓଟମାନଙ୍କ ମୁଣ୍ଡ କାଟି ଦେଇ ହଜୁର ସ.ଅଙ୍କ ଆଡ଼କୁ ଦୌଡ଼ି ଆସିଲେ ।

ହଜରତ ଅବୁ କତାଦାଃର.ଅ ବର୍ଣ୍ଣନା କରିଛନ୍ତି; ହୁନେନ୍ ଯୁଦ୍ଧ ପରେ ହଜୁରସ.ଅ କହିଲେ; ଯେଉଁ ବ୍ୟକ୍ତି କୌଣସି ନିହତ ବ୍ୟକ୍ତି ପାଇଁ ପ୍ରମାଣ ଉପସ୍ଥାପନ କରେ ଯେ ସେ ତାହାକୁ ହତ୍ୟା କରିଛି ତେବେ ସେହି ନିହତ ବ୍ୟକ୍ତିର ସମସ୍ତ ସାମଗ୍ରୀ ତାହା ଅଧିକାରଭୁକ୍ତ ହେବ । ସେତେବେଳେ ମୁଁ ଜଣକୁ ନିହତ କରିବାର ପ୍ରମାଣ ହଜୁର ସ.ଅଙ୍କ ସମ୍ମୁଖରେ ଉପସ୍ଥାପନ କଲି । ଆପଣଙ୍କ ନିକଟରେ ବସିଥିବା ଜଣେ ବ୍ୟକ୍ତି କହିଲେ, ସମ୍ପୃକ୍ତ ନିହତ ବ୍ୟକ୍ତିର ଅସ୍ତ୍ର ମୋ ନିକଟରେ ଅଛି । ସେ ଅନୁରୋଧ କଲେ ହଜୁର ସେହି ଅସ୍ତ୍ରଶସ୍ତ୍ର ମୋତେ ରଖିବାକୁ ଦିଅନ୍ତୁ ଏବଂ ତାଙ୍କୁ ଆଉ କିଛି ପ୍ରଦାନ କରିଦିଅନ୍ତୁ । ସେହିସ୍ଥଳେ ହଜରତ ଅବୁବକରର.ଅ ମଧ ଉପସ୍ଥିତ ଥିଲେ, ଆପଣ କହିଲେ; ଏହା କୌଣସି ମତେ ସମ୍ଭବ ନୁହେଁ । ହଜୁରସ.ଅ କୁରୈଶର ଜଣେ ଭୀରୁକୁ ତ' ଉକ୍ତ ସାମଗ୍ରୀ ପ୍ରଦାନ କରିଦେବେ ଏବଂ ଅଲ୍ଲାଃଙ୍କ ସିଂହ ମଧ୍ୟରୁ ଜଣେ ବୀର ସିଂହକୁ ବଂଚିତ ରଖିବେ ଯେ, ସେ ଅଲ୍ଲାଃ ଓ ତାଙ୍କ ରସୁଲ ସ.ଅଙ୍କ ସକାଶେ ଶତ୍ରୁର ମୁକାବିଲା କରୁଛି । ହଜରତ ଅବୁ କତାଦାଃର.ଅ ବର୍ଣ୍ଣନା କରନ୍ତି; ହଜୁରସ.ଅ ଛିଡ଼ା ହେଲେ ଏବଂ ସେହି ସମସ୍ତ ସାମଗ୍ରୀ ମୋତେ ପ୍ରଦାନ କରିଦେଲେ ।

ତାଇଫ୍ ଯୁଦ୍ଧ ୮ ହିଜ୍‌ରୀରେ ହୋଇଥିଲା । ସେତେବେଳେ ହଜୁରସ.ଅ ଉକ୍ତ ଅଂଚଳର ଘେରାଉ କରିନେଇଥିଲେ । ବିଭିନ୍ନ ବର୍ଣ୍ଣନାନୁଯାୟୀ ଉକ୍ତ ଅଂଚଳର ଘେରାଉ ୧୦ଦିନରୁ ୪୦ଦିନ ପର୍ଯ୍ୟନ୍ତ ହୋଇଥିଲା । ସେହି ଦିନମାନଙ୍କରେ ଆପଣସ.ଅ ଏକଦା ସ୍ୱପ୍ନ ଦେଖିଲେ ଏବଂ ହଜରତ ଅବୁବକରର.ଅ ତାହାର ଯେଉଁ ତାତ୍ପର୍ଯ୍ୟ ବର୍ଣ୍ଣନା କଲେ ହଜୁରସ.ଅ ମଧ ତାହା ହିଁ କଳନା କରିଥିଲେ ।

ତବୁକ୍ ଯୁଦ୍ଧ ୯ ହିଜ୍‌ରୀରେ ହୋଇଥିଲା । ଉକ୍ତ ଯୁଦ୍ଧ ଅବସରରେ ହଜରତ ଅବୁବକର୍ ର.ଅଙ୍କ ନିଜର ସମସ୍ତ ସମ୍ପତ୍ତି ଯାହାର ସାମଗ୍ରୀକ ରାଶି ଚାରି ହଜାର ଦିର୍‌ହମ୍ ଥିଲା, ହଜରତ ମୁହମ୍ମଦ ମୁସ୍ତଫା ସ.ଅଙ୍କ ସେବାରେ ଆଣି ରଖିଦେଲେ । ଏଥିରେ ଅଲ୍ଲାଃଙ୍କ ରସୁଲସ.ଅ ତାଙ୍କୁ ପଚାରିଲେ ନିଜ ପରିବାରବର୍ଗଙ୍କ ପାଇଁ କ'ଣ ଛାଡ଼ି ଆସିଛ ? ହଜରତ ଅବୁବକର୍ର.ଅ ଉତ୍ତର ଦେଲେ, ପରିବାରବର୍ଗଙ୍କ ପାଇଁ ଅଲ୍ଲାଃ ଓ ତାଙ୍କ ରସୁଲ ସ.ଅଙ୍କୁ ଛାଡ଼ି ଆସିଛି । ଜୈଦ୍ ବିନ୍ ଅସଲମ୍ ନିଜ ପିତାଙ୍କ ମାଧ୍ୟମରେ ବର୍ଣ୍ଣନା କରିଛନ୍ତି; ମୁଁ ହଜରତ ଉମର ର.ଅଙ୍କ ଏକଥା କହୁଥିବାର ଶୁଣିଛି । ମୁଁ ନିଜ ଘରର ଅଧା ସାମଗ୍ରୀ ନେଇ ଆସିଥିଲି ଏବଂ ଚିନ୍ତା କରୁଥିଲି ଯେ ଆଜି ମୁଁ ପୁଣ୍ୟ ଅର୍ଜନ କରିବାରେ ହଜରତ ଅବୁବକର୍ ର.ଅଙ୍କୁ ପଛରେ ଛାଡ଼ିଯିବି । କିନ୍ତୁ ହଜରତ ଅବୁବକର୍ର.ଅ ତ' ନିଜ ଘରର ସବୁକିଛି ଧରି ଆସିଥିଲେ । ସେହିଠାରେ ମୁଁ ମନେମନେ କହିଲି; ମୁଁ ହଜରତ ଅବୁବକର୍ ର.ଅଙ୍କ ଠାରୁ କଦାପି ଆଗକୁ ବଢି ପାରିବି ନାହିଁ ।

ହଜରତ ମସିହ ମଉଦଅ.ସ ଏହି ଘଟଣା ଚର୍ଚ୍ଚା କରି ବୈଅତକାରୀଙ୍କ ସମ୍ବନ୍ଧରେ କହିଛନ୍ତି; ଏପରି କିଛି ଲୋକ ଅଛନ୍ତି ଯେ ବୈଅତ କରି ଚାଲି ଯାଇଥାନ୍ତି ଏବଂ ସାକ୍ଷ୍ୟ ଦେଇଥାନ୍ତି ଯେ ଆମେ ଧର୍ମକୁ ସଂସାର ଉପରେ ଅଗ୍ରାଧିକାର ଦେବୁ କିନ୍ତୁ ଯେତେବେଳେ ସାହାଯ୍ୟ କରିବାର ସମୟ ଆସେ ସେତେବେଳେ ନିଜ ପକେଟ୍‌କୁ ଜାବୁଡ଼ି ଧରି ବସନ୍ତି । ଭଲା ଏପରି ସଂସାରକୁ ପ୍ରେମ କରି କେହି ଧର୍ମର ଉଦ୍ଦେଶ୍ୟ ଲଭି ପାରିବ ? କ'ଣ ଏପରି ଲୋକମାନଙ୍କ ଅସ୍ତିତ୍ୱ (ଧର୍ମ ସକାଶେ) କିଛି ଫଳପ୍ରଦ ସାବ୍ୟସ୍ତ ହୋଇପାରିବ ? କଦାପି ନୁହେଁ, କଦାପି ନୁହେଁ । ପୁନଶ୍ଚ ଆପଣ କୁହନ୍ତି; **ଯେପର୍ଯ୍ୟନ୍ତ ସାଂସାରିକ ସମ୍ପଦ ତୁମର ପ୍ରିୟତମ ହୋଇ ରହିଥିବ ଏବଂ ତାହାକୁ ତୁମେ (ଏହି ମାର୍ଗରେ) ଖର୍ଚ୍ଚ କରି ନାହଁ ସେପର୍ଯ୍ୟନ୍ତ ତୁମର କୌଣସି ସତ୍‌କର୍ମ ପୁଣ୍ୟ ବୋଲି କୁହାଯିବ ନାହିଁ ।**

ହଜରତ ଅବଦୁଲ୍ଲାଃ ବିନ୍ ମସଉଦ୍ର.ଅ ବର୍ଣ୍ଣନା କରନ୍ତି; ତବୁକ୍ ଯୁଦ୍ଧ ଅବସରରେ ଦିନେ ରାତିରେ ମୁଁ ହଜୁରସ.ଅ, ହଜରତ ଅବୁବକର୍ର.ଅ ଓ ହଜରତ ଉମର ର.ଅଙ୍କୁ (ସ୍ୱପ୍ନରେ) ଦେଖିଲି । ଆପଣ ତିନି ଜଣ ହଜରତ ଅବଦୁଲ୍ଲାଃ ଜୱାଲ୍ ବଜାଦିନ୍‌ଙ୍କର ଅନ୍ତ୍ୟେଷ୍ଟିକ୍ରିୟା ସମ୍ପାଦନ କରୁଥିଲେ । ଆପଣର.ଅ କହିଲେ; ମୁଁ ଅଭିଳାଷ ପ୍ରକାଶ କଲି ଯେ ଉକ୍ତ କବରଟି

ମୋରେ ହୋଇଥାନ୍ତା କି!!!

ହଜରତ ମୁହମ୍ମଦ ମୁସ୍ତଫା[ସ.ଅ] ୯ ହିଜ୍‌ରୀରେ ତବୁକ୍ ଯୁଦ୍ଧରୁ ପ୍ରତ୍ୟାବର୍ତ୍ତନ କରି ହଜ୍ କରିବାକୁ ଯିବାର ମନସ୍ଥ କଲେ । କିନ୍ତୁ ଯେତେବେଳେ ଆପଣ [ସ.ଅ]ଙ୍କୁ ଖବର ମିଳିଲା ଯେ ହଜ୍ କରିବା ସମୟରେ ଅମାନ୍ୟକାରୀମାନେ କିଛି ଶିରକ୍ ଜନିତ ଶବ୍ଦ ପ୍ରୟୋଗ କରୁଛନ୍ତି ଏବଂ ଉଲଗ୍ନ ହୋଇ ବୈତୁଲ୍ଲାଃର ପରିକ୍ରମା କରୁଛନ୍ତି । ସେତେବେଳେ ଆପଣ[ସ.ଅ] ସେହି ବର୍ଷ ହଜ୍ କରିବା ଉଦ୍ଦେଶ୍ୟ ତ୍ୟାଗ କରିଦେଲେ ଏବଂ ହଜରତ ଅବୁବକର [ର.ଅ]ଙ୍କୁ ହଜ୍ ତିର୍ଥକାରୀଙ୍କ ଅମିର ମୁତୟନ କଲେ । ଅତଏବ ହଜରତ ଅବୁବକର[ର.ଅ] ୩୦୦ ତିର୍ଥଯାତ୍ରୀଙ୍କ ସାଥିରେ ନେଇ ହଜ୍ କରିବାକୁ ପ୍ରସ୍ଥାନ କରିଥିଲେ । ସେତେବେଳେ ହଜୁର[ସ.ଅ] ବଳି ଦେବା ପାଇଁ ୨୦ ଗୋଟି ଜୀବ ମଧ୍ୟ ପ୍ରଦାନ କରିଥିଲେ । ହଜରତ ଅବୁବକର [ର.ଅ]ଙ୍କର ମଦିନାରୁ ପ୍ରସ୍ଥାନ କରିବା ପରେ ହଜୁର[ସ.ଅ] ଉପରେ ସୁରେଃ ତୌବା ଅବତୀର୍ଣ୍ଣ ହେଲା । ଆପଣ[ସ.ଅ] ହଜରତ ଅଲୀ [ର.ଅ]ଙ୍କୁ ଡ଼କାଇ ପଠାଇଲେ ଏବଂ ତାଙ୍କୁ କହିଲେ; ସୁରେଃ ତୌବାର ପ୍ରାରମ୍ଭରେ ଯାହା ବର୍ଣ୍ଣିତ ହୋଇଛି ସେଥିମୁତାବକ କୁରବାନୀ ଦିନ ଯେତେବେଳେ ସମସ୍ତ (ହାଜିମାନେ) ମିନାରେ ଏକତ୍ରିତ ହୋଇଥିବେ ସେତେବେଳେ ଏହା ଘୋଷଣା କରିଦେବ ଯେ ବୈକୁଣ୍ଠରେ କୌଣସି ଅମାନ୍ୟକାରୀ ପ୍ରବେଶ କରିପାରିବେ ନାହିଁ ଏବଂ ଏହି ବର୍ଷ ପରେ କୌଣସି ଅମାନ୍ୟକାରୀକୁ ଆଉ ହଜ୍ କରିବାର ଅନୁମତି ମିଳିବ ନାହିଁ । ନା କୌଣସି ବ୍ୟକ୍ତିକୁ ଉଲଗ୍ନ ହୋଇ ବୈତୁଲ୍ଲାଃର ପରିକ୍ରମା କରିବାକୁ ଅନୁମତି ଦିଆଯିବ । ଯେ କୌଣସି ବ୍ୟକ୍ତି ସହିତ ହଜୁର [ସ.ଅ]ଙ୍କର ଯଦି କୌଣସି ପ୍ରକାର ପ୍ରତିଶୃତି ରହିଛି ତେବେ ତାହାର ଅବଧି ପୂରଣ ହେବା ପର୍ଯ୍ୟନ୍ତ ଉକ୍ତ ସର୍ତ୍ତମାନ ପାଳନ କରାଯିବ ।

ଯେତେବେଳେ ହଜରତ ଅବୁବକର [ର.ଅ]ଙ୍କୁ (ମକ୍କାରେ) ହଜରତ ଅଲୀ[ର.ଅ] ଭେଟିଲେ ସେତେବେଳେ ହଜରତ ଅବୁବକର[ର.ଅ] ତାଙ୍କୁ ପଚାରିଲେ କ'ଣ ଆପଣଙ୍କୁ ଅମିର ମୁତୟନ କରାଯାଇଛି ଅଥବା ଆପଣ ମୋ ଅଧିନରେ ରହି କାର୍ଯ୍ୟ କରିବେ । ଦେଖନ୍ତୁ ହଜରତ ଅବୁବକର[ର.ଅ] କିଭଳି ବିନମ୍ର ସ୍ୱଭାବର ଅଧିକାରୀ ଥିଲେ । ସେ ଯାହା ହେଉ ହଜରତ ଅଲୀ[ର.ଅ] ଉତ୍ତର ଦେଲେ ନା, ମୁଁ ଆପଣଙ୍କ ଅଧିନରେ ରହି ଦାୟିତ୍ୱ ସମ୍ପାଦନ କରିବି । ଏକ ବର୍ଣ୍ଣନାନୁଯାୟୀ ହଜରତ ଅବୁବକର[ର.ଅ] ଅରଫା ସ୍ଥାନରେ ମୁସଲମାନମାନଙ୍କୁ ଉଦ୍‌ବୋଧନ ଦେଲେ । ସେଥିଅନ୍ତେ ହଜରତ ଅଲୀ [ର.ଅ]ଙ୍କୁ କହିଲେ; ବର୍ତ୍ତମାନ ହଜୁର [ସ.ଅ]ଙ୍କର ସନ୍ଦେଶ ଲୋକମାନଙ୍କୁ ଶୁଣାଅ । ସୁତରାଂ ହଜରତ ଅଲୀ[ର.ଅ] ସୁରେଃ ତୌବାର ୪୦ଗୋଟି ଆୟତ ପାଠ କରି ଶୁଣାଇଲେ ।

ପ୍ରିୟ ହଜୁର ଅନଓ୍ୱର[ଅ.ବ] କହିଲେ; ହଜରତ ଅବୁବକର [ର.ଅ]ଙ୍କ ଜୀବନୀ ପ୍ରସଙ୍ଗରେ ଆହୁରି ଅନେକ କିଛି ରହିଛି ଯାହାକି ଇନ୍‌ଶା ଅଲ୍ଲାଃ ଆଗାମୀ ଖୁତବାରେ ଚର୍ଚ୍ଚା ହେବ । ସେଥିଅନ୍ତେ ହଜୁର ଶ୍ରୀମତି ଅମତୁଲ୍ ଲତିଫ୍ ଖୁରଶିଦ୍ ସାହେବାଃ ପତ୍ନୀ ଶେଖ୍ ଖୁରଶିଦ୍ ଅହେମଦ ସାହେବ ସହସମ୍ପାଦକ ଅଲଫଜଲ୍ (ପତ୍ରିକା) ରବଓ୍ୱାଙ୍କର ଉତ୍ତମ ଚରିତ୍ର ଚର୍ଚ୍ଚା କରି ତାଙ୍କ ନମାଜ ଜନାଯାଃ ଗାଏବ ପାଠ କରିବାର ଘୋଷଣା କଲେ । ହଜୁର ଅନଓ୍ୱର[ଅ.ବ] ତାଙ୍କ ପାଇଁ କ୍ଷମା ଯାଚନା ଓ ବୈକୁଣ୍ଠରେ ତାଙ୍କ ସ୍ତର ଉର୍ଦ୍ଧ୍ୱଗାମୀ ହେବା ପାଇଁ ଦୁଆ ମଧ୍ୟ କଲେ ।

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମ୍‌ଦୁହୁ ଓ୍ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଈଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଈଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

11th February 2022